# ତପସ୍ୱିନୀ

ଗଙ୍ଗାଧର ମେହେର

## ଦଶମ ସର୍ଗ

(କଲ୍ୟାଣ ପଡ଼ିତାଳ)

09 August 2009

(Last updated: ୩୧ ମାର୍ଚ୍ଚ ୨୦୧୦)

http://www.iopb.res.in/~somen/GMeher

ସତୀ ପାଇ ଦୁଇ ପୁତ୍ରରତନ
ପ୍ରାଣରୁ ଅଧିକ କରି ଯତନ,
ଲାଳନ-ପାଳନେ ନିହିଲେ ମନ
ଲାଗିଗଲା ଦୃଢ଼ ସ୍ନେହବନ୍ଧନ,
ଛାଡ଼ିଲେ ନାହିଁ ନିମିଷେ ପାଶ
ମଣିଲେ ଜୀବନ-ଭାର ଉଶ୍ୱାସ । ୧ ।

ସ୍ନାନ ପାଇଁ ଦିନେ ଥରେ ମାତର
ହୁଅନ୍ତି ଯଦ୍ୟପି ପାଶୁ ଅନ୍ତର,
ଜଳ-ଜରଜର ବସନେ ବେଗେ
ଧାଇଁ ଆସିଥାନ୍ତି ଅତି ଉଦ୍‌ବେଗେ
ପରାଣ, ହେଉଥାଏ ଚଞ୍ଚଳ
ଚାହିଁବାକୁ ସୁତ-ମୁଖ-କମଳ । ୨ ।

ଶଶିକଳା-ଗର୍ବ କରି ମର୍ଦ୍ଦନ,
ହେଲା କୁମାରଙ୍କ ଅଙ୍ଗ-ବର୍ଦ୍ଧନ,
ପୂର୍ଣ୍ଣ ସୁଧାକର ପ୍ରାୟେ ବଦନ
ଦିନୁ ଦିନ ହେଲା ଶୋଭା-ସଦନ,
ପାରିଲେ ଚିହ୍ନି ସେ ଜନନୀ-ମୁଖ
କୋଳେ ଉଠିବାକୁ ହେଲେ ଉନ୍ମୁଖ । ୩ ।

ହସନ୍ତି ଅନାଇ ମାତା-ବଦନ
କୋଳ ଲୋଡ଼ି ସେହିକ୍ଷଣି କ୍ରନ୍ଦନ,
ସ୍ନେହଭରେ ମାତ ଧଇଲେ କୋଳେ
ଦୋଲୁଥାନ୍ତି ତହିଁ ଆନନ୍ଦ-ଦୋଳେ,
ଥରକୁ ଥର, ବଦନ ଚାହିଁ
ହସି ହସି ଦେଉଥାଏ ହସାଇ । ୪ ।

ନଥିଲା ସତୀଙ୍କ ମନେ ସ୍ୱପନେ
ହାସ ଅଙ୍କୁରିତ ଦଗ୍‌ଧ ଳପନେ,
ଅପୂର୍ବ ସୁଖର ଅପୂର୍ବ ହାସ
ସ୍ୱତଃ ଆସି ହୋଇଯାଏ ପ୍ରକାଶ,
ନ ନେଲେ, କାନ୍ତ ସେ ସୁଖଭାଗ
ବୋଲି ସତୀ ନିତି ନିନ୍ଦନ୍ତି ଭାଗ୍ୟ । ୫ ।

ବଦନ-କମଳେ ବଦନ-ଛଳେ
ବିରାଜି ଭାରତୀ ଦେବୀ ଉଜ୍ଜ୍ୱଳେ,
ପ୍ରକାଶିଲେ ନିଜ ନିସର୍ଗ-ଜ୍ୟୋତି
ନିନ୍ଦି କୁନ୍ଦ ଇନ୍ଦୁ ତୁଷାର ମୋତି,
ବାଇଲେ, ବୀଣା ଆଦ୍ୟେ ମୃଦୁରେ
ମା ମା ମା ମା ମା ମା ସ୍ୱର ମଧୁରେ । ୬ ।

ମଳୟରୂପେ ସେ ସ୍ୱର୍ଗୀୟ ସ୍ୱନ
ପଲ୍ଲବିତ କରେ ମାତା-ଜୀବନ,
ପ୍ରବାଳ-ପାଟଳବର୍ଣ୍ଣ ସଦ୍ମରେ
ଫୁଟିପଡ଼େ ମାତା-ଓଷ୍ଠ ଅଧରେ,
ତହିଁରେ, ଦନ୍ତ-କୁସୁମକଢ଼ି
କୌମୁଦୀ-କାନ୍ତିରେ ଉଠଇ ବଢ଼ି । ୭ ।

ଭାସ୍କର ପରାଏ ଭାସ୍ୱର ମନ
ଅଧିକାର କରି ଇନ୍ଦ୍ର-ଆସନ,
ଅଗ୍ରସର ହୋଇ କୁବେର-କୋଷେ
ବଦନ-ପ୍ରଭାବ ବଢ଼ାଏ ତୋଷେ,
ମନଇ ନିଜ କରେ ଜଗତ
ସୁଖ ସଉଭାଗ୍ୟ ସମୁପାଗତ । ୮ ।

ଦରବିକଶିତ କମଳ ଜାଣି
ଭାସିଲେ କୁମାରେ ଦରୋଟିବାଣୀ,
ସେ ଭାରତୀ ହାବ ଚାରୁ-ଚାହାଣି,
ମନୋହର ବେଶ ଲାବଣ୍ୟ ଠାଣି,
ଦର୍ଶନେ ପ୍ରାଣ ପୁଲକେ ପୂରେ
ମୋହ ନାଚିଉଠେ ମାନସ-ପୁରେ । ୯ ।

କ୍ରମରେ କୁମାରେ ଅବନୀ ତଳେ
ବସିଲେ ଚାଲିଲେ ଜାନୁ ପ୍ରତଳେ,
ଦୂରେ ଥାଇ ଡାକି ଆହ୍ଲାଦେ ସତୀ
ବଢ଼ାଇଲେ ସେହି ଗତିଶକତି,
କୁମାରେ କୁତୂହଳେ ସହାସେ
ବେଗ ବେଗ ଯାନ୍ତି ଜନନୀ ପାଶେ । ୧୦ ।

କେତେବେଳେ କରେ ନୃତ୍ତିକା ଧରି
ଦିଅନ୍ତି ରସନା ପଙ୍କିଳ କରି,
ମାତା ଧରାଇଲେ ସୁନ୍ଦର ଫଳ
ଫିଙ୍ଗନ୍ତି ହଲାଇ ମୁଖମଣ୍ଡଳ,
ସୁଚାରୁ ଚୂର୍ଣ୍ଣକୁନ୍ତଳ ଚଳି
ଦିଶେ ଯେହ୍ନେ କଞ୍ଜ-କ୍ରୀଡ଼ିତ ଅଳି । ୧୧ ।

ଉଭା ହେଲେ ଧରି ଜନନୀ-କର
ତହୁଁ ନିଜ ପଦେ କରି ନିର୍ଭର,
ଗତି କଲେ କରି କର ଧାରଣ
ନିଜେ ନିଜେ ପୁଣି ଚାଳି ଚରଣ,
ଗମନେ ପଡ଼ି କଲେ ରୋଦନ
ତୋଷନ୍ତି ଜନନୀ ଚୁମ୍ବି ବଦନ । ୧୨ ।

ଡାକନ୍ତି କୁମାରେ ବନ-ବିହଙ୍ଗ,
କୁତୂହଳେ ଚାହିଁ ସୁରମ୍ୟ ରଙ୍ଗ,
ମୟୂରପୁଚ୍ଛରେ ମନ ବଳାଇ
ଧାଇଁଥାନ୍ତି ତାକୁ ଧରିବା ପାଇଁ,
ଖେଳନ୍ତି ମୃଗ-ଶାବକ ଧରି
କୁସୁମେ ତା' ବେଶ ରଚନା କରି । ୧୩ ।

ତାପସ-ତାପସୀ ପ୍ରଫୁଲ୍ଲମନେ
କୁମାରଙ୍କୁ ନେଇ ବୁଲାନ୍ତି ବନେ,
ପୁଷ୍ପମାଳ ମଣ୍ଡି ଶିରେ କପୋଳେ
ଦୋଳାନ୍ତି ପୁଷ୍ପିତଲତିକା-ଦୋଳେ,
ଫୁଟାଇ ପୋଏ ଆନନ୍ଦ କଳି
ଆଉ ଆଉ ବୋଲି କରନ୍ତି ଅଳି । ୧୪ ।

କୁମାରଙ୍କ ତନୁ ଉଜ୍ଜ୍ୱଳ ଶ୍ୟାମ
ପୁଷ୍ପଦୋଳେ ହୁଏ ନେତ୍ରାଭିରାମ,
ବନଲକ୍ଷ୍ମୀ ଯେହ୍ନେ ସୁରମ୍ୟ ଦଣ୍ଡୀ
ଗେହ୍ଲେ ଚାଳେ ହରିନ୍ମଣିରେ ମଣ୍ଡି,
ପାଦପ ଶାଖା କମ୍ପେ ଯା ସଙ୍ଗେ
ଅନ୍ୟ ଶୋଭା ପ୍ରତି ହସେ ଭ୍ରୂଭଙ୍ଗେ । ୧୫ ।

ପଞ୍ଚବର୍ଷେ ପଞ୍ଚବକ୍ତ୍ର ବିକ୍ରମେ
ସାଜି କୁମାରଙ୍କୁ ଚଳିଲେ କ୍ରମେ,
ସ୍ୱଚ୍ଛନ୍ଦେ କୁମାରେ କଲେ ଭ୍ରମଣ
ସରିତ ଶାଦ୍ୱଳ ଉଦ୍ୟାନ ବନ,
ଶ୍ୱାପଦ ଆପଦକୁ କିଞ୍ଚିତ
ନ ଗଣଇ ତାଙ୍କ ନିର୍ଭିକ ଚିତ୍ତ । ୧୬ ।

କୁମାରଙ୍କ ଚୂଡ଼ାକର୍ମ ସବିଧି
ସମ୍ପାଦି ବାଲ୍ମୀକି ଜ୍ଞାନ-ବାରିଧି,
ଆଣି ସୁଦୁର୍ଗମ ବିଦ୍ୟା-କାନନ-
ମଧ୍ୟେ କରିଦେଲେ ପଞ୍ଚଆନନ,
କୁମାରେ ତହିଁ କରି ସଞ୍ଚାର
ଅଜ୍ଞାନ-ମାତଙ୍ଗ କଲେ ସଂହାର । ୧୭ ।

ରସ-ରତ୍ନମୟ କାବ୍ୟ-ଶିଖରୀ
ବିରାଜନ୍ତି ଯହିଁ ରାମ-କେଶରୀ,
ରାବଣ-ବାରଣ-ରକତଧାର
ଝରଇ ଝର୍ଝର, ନିର୍ଝରାକାର,
କାନ୍ଦନ୍ତି ସିଂହୀ କନ୍ଦରେ ରହି
ଦନ୍ତୀ-ଦନ୍ତାଘାତ-ବେଦନା ସହି । ୧୮ ।

କୁମାରଙ୍କୁ ସେହି ଗିରି-ଶିଖର
ଚଢ଼ାଇ କୌଶଳେ ଋଷି-ଶେଖର,
ଖେଳାନ୍ତେ ହରିଣ-ଶାବକ-କରି
ଖେଳିଲେ କୁମାରେ ଶାର୍ଦ୍ଦୁଳ ପରି,
ରାମଙ୍କୁ କଲେ ମୃଗେନ୍ଦ୍ର ଜ୍ଞାନ
ଜନକ ନ ଚିହ୍ନି ସିଂହସନ୍ତାନ । ୧୯ ।

କରନ୍ତି ଜନନୀ ପାଶେ ଗାୟନ
ମହର୍ଷିରଚିତ ସେ ରାମାୟଣ
ତାନ ଲୟ ସ୍ୱରେ ବୀଣା ବଜାଇ
ରାମ-ଭକ୍ତିରସେ ମନ ମଜ୍ଜାଇ,
ଦିଅନ୍ତି ଚାଳି ନୟନ ଶିର
ପ୍ରେମ-ତରଙ୍ଗରେ ହୋଇ ଅସ୍ଥିର । ୨୦ ।

ତର୍ଜନ ଗର୍ଜନ, ବିଳାପ ହାସ
ଗାନେ ଗାନେ ହେଉଥାଏ ପ୍ରକାଶ,
ଫୁଲିଉଠେ ବକ୍ଷ ବାହୁଯୁଗଳ
ବେଳେ ବେଳେ ବହେ ନୟନଜଳ,
ପ୍ରାଣରେ କାବ୍ୟ-ଭାବ ତଡ଼ିତ
ହୋଇଯାଉଥାଏ ଗାଢ଼େ ଜଡ଼ିତ । ୨୧ ।

ବାଳ-ରସନାରେ ନବ୍ୟ ଭାରତୀ
ନିର୍ମଳା ଉଜ୍ଜ୍ୱଳା ମଞ୍ଜୁ ମୂରତି
ବିରଚି ବିଚିତ୍ର ମଧୁର ଲାସ୍ୟ
ବିତରଣ କରୁଥାନ୍ତି ଉଲ୍ଲାସ,
ଉଲ୍ଲାସ, ହୋଇ ଜୀମୂତାକାର
ପ୍ରାଣେ ପ୍ରାଣେ ମୁଞ୍ଚେ ଅମୃତାସାର । ୨୨ ।

ଜାନକୀ ସହିତ ତାପସୀମାନେ
ବିଶୁଦ୍ଧ ସଙ୍ଗୀତ-ପୀୟୁଷ ପାନେ,
ହରଷ, ବିଷାଦ, ଶାନ୍ତି, ସନ୍ତାପ
ସୁଖ, ଦୁଃଖ ଲଭୁଥାନ୍ତି ଅମାପ,
ଆନନ୍ଦ କ୍ଷୋଭ ହୃଦୟ ଦ୍ରବି
ଲୋଚନୁ ଲୋତକ ପଡ଼ଇ ସ୍ରବି । ୨୩ ।

ଯେଉଁ ସୀତା ରାମାୟଣ-ନାୟକ-
ରାଘବ-ହୃଦୟ-ହାର-ନାୟକ
ସେ ଯେ କୁମାରଙ୍କ ଗର୍ଭଧାରିଣୀ
ଭାଗିରଥୀ-ତୀର-ବନ-ଚାରିଣୀ,
କୁମାରେ ତାହା ଜାନନ୍ତି ନାହିଁ
ମହର୍ଷି-ନିଷେଧ ଥିଲା ଲୁଚାଇ । ୨୪ ।

ରାମ-ସୀତା-ଗୁଣ ଗୌରବମାନ
ଅତି କୁତୂହଳେ କରନ୍ତି ଗାନ,
ଶୁଣି ସତୀମଣି ହୋଇ ଲଜ୍ଜିତ
କରୁଥାନ୍ତି ସୁଖେ ମନ ମଜ୍ଜିତ,
ସ୍ୱତକେ ଆତ୍ମଗୋପନ କରି
ହରନ୍ତି ସମୟ ତାପସୀ ପରି । ୨୫ ।

ରମ୍ୟ ରାମାୟଣ କରି ଶ୍ରବଣ
ମୁଗ୍ଧ ମୃଗେ ଥାନ୍ତି ଡେରି ଶ୍ରବଣ,
ନିଶ୍ଚଳ ଲୋଚନେ ତବଥି ପରି
ଆହାର ବିହାର ତୃଷା ବିସ୍ମରି,
ବିହଙ୍ଗ-ବୃନ୍ଦ ହୋଇ ନୀରବ
ହୃଦେ ଭରୁଥାନ୍ତି ଶ୍ରୁତି-ବିଭବ । ୨୬ ।

ବିଟପିଏ ପର୍ଣ୍ଣ-କୁନ୍ତ-କବରୀ-
ଗରଭେ କୁସୁମ ସ୍ତବକ ଭରି,
ଅନୁରାଗେ ହେଉଥାନ୍ତି ନିରତ
ଅଭିନୟେ ଚାଳି ବଲ୍ଲରୀ-ହସ୍ତ,
ପ୍ରମୋହେ ଗଡ଼ିଯାଏ ତମସା
ଅପୂର୍ବ ପ୍ରମୋଦେ ହୋଇ ବିବଶା । ୨୭ ।

ବହିଯାଏ ମହୀ-ଉରେ ଅମୃତ
କରି ଧନ୍ୟବାଦ-ନାଦରେ ନୃତ୍ୟ,
ଆସି ଚଉଦିଗ କାନନବାସୀ
ଯାନ୍ତି ସେ ଅମୃତ-ସ୍ରୋତରେ ଭାସି
ଅଶେଷ ଶ୍ରୁତି ବିବରେ ପୂରି
ସ୍ରୋତ ପ୍ଲାବିଦିଏ ଅମର-ପୁରୀ । ୨୮ ।

ବ୍ରହ୍ମା, ଇନ୍ଦ୍ର, ରୁଦ୍ର ଶୁଣି ସେ ଗାନ
କରୁଥାନ୍ତି ଧନ୍ୟବାଦ ପ୍ରଦାନ,
ଉଦୀଚୀ ପ୍ରତୀଚୀ ପ୍ରାଚୀ ଅବାଚୀ
ଦିଗ-ସୀମନ୍ତିନୀ ଉଠନ୍ତି ନାଚି,
ପକାଇ ଗାନ ଗର୍ବ ପସରା
ନାଚନ୍ତି ଗନ୍ଧର୍ବ ସଙ୍ଗେ ଅପ୍ସରା । ୨୯ ।

ଲୋକେ ଲୋକେ ଭ୍ରମି ଭ୍ରମି ନାରଦ
ମୁକ୍ତକଣ୍ଠେ ବ୍ୟକ୍ତ କଲେ ଆନନ୍ଦ,
ପ୍ରଶଂସି ବାଲ୍ମୀକି କବିତା-ରସ
ଶ୍ରୀରାମ-ଜାନକୀ-ବିଶୁଦ୍ଧ ଯଶ,
ଗାୟନ ତାଙ୍କ କୁମାରଙ୍କର
ପୀୟୂଷ ବରଷି ବଲ୍ଲକୀ-ସ୍ୱର । ୩୦ ।

ନିଜ ବୀଣା ଯା'ର ବିଶ୍ୱ-ବିଦିତ
ବାଳକ ବୀଣାରେ ହୋଇ ମୋଦିତ,
ପଚାରିଲେ ତାକୁ ବୋଲି ଉତ୍ତମ
ଧନ୍ୟ ଧନ୍ୟ ସେହି ମୁନିସତ୍ତମ,
ପ୍ରଫୁଲ୍ଲେ ପର-ପ୍ରଶଂସା ଗାଇ
ସ୍ୱକୀୟ ମହିମା ଦେଲେ ବଢ଼ାଇ । ୩୧ ।

ନିଜ ଗୁଣ ଥାଉଁ ପର ସଦ୍‌ଗୁଣ
ପ୍ରଶଂସାରେ ଜନ ହୋଇ ନିପୁଣ,
ନିଜ ଗୁଣ-ତରୁ କରେ ଫଳିତ
ଧନୁର୍ଗୁଣେ ସିନା ଶର ଚାଳିତ,
ପବନ ବହି ପ୍ରସୂନ-ବାସ
ଜଗତେ ଅଧିକ ଦିଏ ଉଲ୍ଲାସ । ୩୨ ।

କୁମାରଙ୍କ ଏକାଦଶ ହାୟନ
ବୟସରେ ହେଲା ଉପନୟନ,
ତହିଁପରେ କରି ବେଦାଧ୍ୟୟନ
ଲଭିଲେ କୁମାରେ ଜ୍ଞାନ-ନୟନ,
ବେଦଜ୍ଞ ପୁତ୍ର-ପ୍ରତିଭା ଦେଖି
ବୈଦେହୀ ଦିଅନ୍ତି ଦୁଃଖ ଉପେକ୍ଷି । ୩୩ ।

ତପନତନୟା-ଜଳେ ଅରୁଣ-
କିରଣ ପରାୟେ ନବ ତରୁଣ
ମନୋହର ଛବି, ଆଣି ବରୁଣ-
ଭଣ୍ଡାର-ରତନ-ମୟୂଖ-ଋଣ
କୁମାର-ଯୁଗ ଶ୍ୟାମ ଶରୀରେ
ବିଚିତ୍ର କୌଶଳେ ମଣ୍ଡିଲା ଧୀରେ । ୩୪ ।

ଜ୍ଞାନ-ସମ୍ମାର୍ଜିତ ଭାଷା ତାଙ୍କର
ହେଲା ଶ୍ରୁତି-ହୃଦ-ପବିତ୍ର-କର,
ବ୍ୟବହାର ହୋଇ ଭାଷାନୁଗତ
ଚରିତ୍ରେ ରଚିତ ହେଲା ଦେବତ୍ୱ,
ପ୍ରଦୀପ୍ତ ମନ-ବଚନ-ଅଙ୍ଗ
ସୃଜିଲେ ଜୀବନେ ପ୍ରଭା-ତରଙ୍ଗ । ୩୫ ।

ଜନନୀ ଜୀବନ ସୁଖ-ଆଲୋକେ
ପୂରିଯାଏ ପୁତ୍ର-ପଠିତ ଶ୍ଳୋକେ,
ଅଧିକ ଅଧିକ ମନୋରଞ୍ଜନୀ
ହେଉଥାଏ ଶୋକ-ସ୍ମୃତି-ରଜନୀ,
ବୁଝଇ ଦୁଃଖୀ ସୁଖର ମୂଲ୍ୟ
ଚିରସୁଖୀ-ସୁଖ ତହିଁ ଅତୁଲ୍ୟ । ୩୬ ।

କୁମାରଙ୍କ ନବ ପ୍ରଫୁଲ୍ଲ ରୂପ
ମାତା-ନେତ୍ର ମଣେ ରତନ-ସ୍ତୂପ,
ପୁତ୍ର-ପ୍ରଶଂସା ମାତା ଶ୍ରବଣେ
ପରିଣତ ହୁଏ ସୁଧା-ସ୍ରବଣେ,
ତହିଁକି ସ୍ୱାମୀ-ସୁଯଶଃଶ୍ରେଣୀ ।
ସତୀପକ୍ଷେ ହେଲା ସ୍ୱର୍ଗ-ନିଃଶ୍ରେଣୀ । ୩୭ ।

ଯେଉଁ ଦିନୁ ସୁତେ ଜନନୀ-ଅଙ୍କ
ତେଜି ବିହରିଲେ ହୋଇ ନିଃଶଙ୍କ,
ସେ ଦିନୁ ଜାନକୀ ତପସ୍ୟା ବ୍ରତ
ଅନୁଷ୍ଠାନ କଲେ ଅନବରତ,
ସମର୍ପି ମନ ସ୍ୱାମୀ ଚରଣେ
ଲାଗିଲେ ଜୀବନ ଶୋଷକରଣେ । ୩୮ ।

ନିଦାଘ-ସରିତ-ସ୍ରୋତସଦୃଶ
ସତୀ-ପ୍ରାଣ ହୋଇ ଆସିଲା କୃଶ,
ଅସିତ ପକ୍ଷର ଶଶାଙ୍କ ପରି
ଲକ୍ଷ୍ୟ କଲା ମୃତ୍ୟୁ ଅମା ଶର୍ବରୀ,
ସ୍ୱାମୀଙ୍କୁ ମଣି ଦିନେଶ ସମ
ଆଶା କଲା ତହିଁ ହେବ ସଙ୍ଗମ । ୩୯ ।

ଭାବୁଥାନ୍ତି, "ଅରେ କେଉଁ ଉପାୟେ
ଦୃଷ୍ଟି ଦେଇ ସ୍ୱାମୀ-ପବିତ୍ର ପାଏ,
ସମର୍ପଣ କରି ପୁତ୍ର-ଯୁଗଳ,
ଦିଅନ୍ତି ଭାଙ୍ଗି ମୋ ତନୁ ଅର୍ଗଳ,
ପରାଣ ମୃଗ ଯାଇ ସତ୍ୱର
ସେ ମୁକ୍ତି ବିପିନେ କରନ୍ତା ଘର" । ୪୦ ।

– – –